# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 31 January – 2026

# ମୁଖ୍ୟମନ୍ତ୍ରୀ–ଗୋପାଳପୁର ମହୋତ୍ସବ

ରାଜ୍ୟରେ ବନ୍ଦରଭିତ୍ତିକ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗଞ୍ଜାମ ଜିଲ୍ଲା ଗୋପାଳପୁର ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ୧୬ହଜାର ୫୫୪କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତୀକରଣ କରାଯିବ । ଏଭଳି ମହୋତ୍ସବ ଆଞ୍ଚଳିକ ଅର୍ଥନୀତିକୁ ଗତିଶୀଳ କରିବା ସହ ବ୍ୟାପକ ସୁଯୋଗ ସୃଷ୍ଟି କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**V/O**

ଏହି ଅବସରରେ ୪୯୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶ୍ରୀ ମାଝୀ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉପେନ୍ଦ୍ର ଭଞ୍ଜ ଚେୟାର ପୁନଃ ସ୍ଥାପନ ନେଇ ଶ୍ରୀ ମାଝୀ ଘୋଷଣା କରିଛନ୍ତି ।

# ମୟୂରଭଞ୍ଜ ଉତ୍ସବ

ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ଗତକାଲିଠାରୁ ୩ଦିନିଆ ମୟୂରଭଞ୍ଜ ଉତ୍ସବ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ଏଭଳି ମହୋତ୍ସବ

ରାଜ୍ୟର ଆତ୍ମା, ଶକ୍ତି ଏବଂ ଚେତନାକୁ ପ୍ରତିଫଳିତ କରିଥାଏ । ମହୋତ୍ସବ ବିବିଧତା ମଧ୍ୟରେ ଏକତା, ପରମ୍ପରାରେ ଶକ୍ତି ଏବଂ ଐତିହ୍ୟର ନିରନ୍ତରତାର ସମାରୋହ ଭାବେ ପ୍ରତିଫଳନ କରୁଛି ବୋଲି ସେ ବର୍ଣ୍ଣନା କରିଛନ୍ତି ।

# ସମୀକ୍ଷା ବୈଠକ

ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ଗତକାଲି ଧାନବିକ୍ରି ସ୍ଥିତିର ସମୀକ୍ଷା କରିଛନ୍ତି । ଜିଲ୍ଲାରୁ ୧୩ଲକ୍ଷ ୩୦ହଜାର କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ କ୍ରୟ କରାଯିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ୨ଲକ୍ଷ ୭୧ହଜାର ୮୯୩ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାପଡିଛି ।

# ପାନ ମସଲା-କଟକଣାମୁକ୍ତ

ପାନ ମସଲାରେ ତମାଖୁ କିମ୍ବା ନିକୋଟିନ୍ ରହୁନଥିବାରୁ ଏହାକୁ କଟକଣାମୁକ୍ତ ରଖାଯାଇଛି ବୋଲି ସ୍ୱାସ୍ଥ୍ୟବିଭାଗ ସ୍ପଷ୍ଟ କରିଛି । ବିଭାଗୀୟ ସଚିବ ଅଶ୍ୱଥୀ ଏସ୍ ଏ ସଂକ୍ରାନ୍ତରେ ସିଟି, ଜିଏସ୍‌ଟି, କମିଶନର ଓ ଅର୍ଥ ବିଭାଗକୁ ପତ୍ର ଲେଖିଛନ୍ତି । ତେବେ ରାଜ୍ୟରେ ଗୁଟ୍‌ଖା, ତମାଖୁ ଏବଂ ନିକୋଟିନ୍‌ଯୁକ୍ତ ସମସ୍ତ ପ୍ରକାର ସେବନ ପଦାର୍ଥର ଉତ୍ପାଦନ, ସଂରକ୍ଷଣ, ବିକ୍ରି ଓ ପରିବହନ ଉପରେ କଟକଣା ବଳବତ୍ତର ରହିଛି ବୋଲି ସେ କହିଛନ୍ତି । ଗତ ୨୧ ତାରିଖରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ହୋଇଥିଲା ।

# ଖୁରାନିଆ-କନ୍ଧମାଳ

କନ୍ଧମାଳ ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ମାଓସ୍ଥିତିନେଇ ସମୀକ୍ଷା କରିଛନ୍ତି । ଜିଲ୍ଲା ପୁଲିସ, ବିଏସ୍ଏଫ୍ ଏବଂ ସିଆର୍ପିଏଫ୍ଙ୍କ ସହ ମାଓ କାର୍ଯ୍ୟକଳାପ ପ୍ରତିହତ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଶ୍ରୀ ଖୁରାନିଆ ଆଲୋଚନା କରିଛନ୍ତି । ଆତ୍ମସମର୍ପଣ ମାଧ୍ୟମରେ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ଶ୍ରୀ ଖୁରାନିଆ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି ।

# କୁଷ୍ଠରୋଗ ନିରାକରଣ

ରାଜ୍ୟର ୧୫ଟି ଜିଲ୍ଲାରେ କୁଷ୍ଠରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ବୈଠକରୁ ସୂଚନା ମିଳିଛି । ବିଭାଗୀୟ ସଚିବ ତଥା କମିଶନର ଅସ୍ୱଥି ଏସ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅସ୍ତ୍ରପ୍ରଚାର ମାଧ୍ୟମରେ ୬ହଜାର ୯୬୮ କୁଷ୍ଠଜନିତ ବିକଳାଙ୍ଗ ରୋଗୀଙ୍କୁ ପୁନଃକ୍ଷମ କରାଯାଇଥିବା ଜଣାପଡିଛି । କୁଷ୍ଠରୋଗ ନିରାକରଣ ଦିଗରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୩ଜଣ ଡାକ୍ତର ଏବଂ ୫ଜଣ ଆଶାକର୍ମୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି ।

# ମାଣ୍ଡିଆ କ୍ରୟ

କନ୍ଧମାଳ ଜିଲ୍ଲାରେ ୧୧ଟି ବ୍ଲକରେ ୨୯ଟି ମାଣ୍ଡିଆ ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରାଯାଉଛି । ଚଳିତବର୍ଷ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ ୪ହଜାର ୮୬୬ଟଙ୍କା ଧାର୍ଯ୍ୟ କରାଯାଇଛି । ଭବିଷ୍ୟତରେ

ଜିଲ୍ଲାରେ ମାଣ୍ଡିଆ ଚାଷକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରଶାସନ କହିଛି ।

## ଯୋରନ୍ଦା ମେଳା

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ଆଜିଠାରୁ ପ୍ରସିଦ୍ଧ ମାଘମେଳା ଆରମ୍ଭ ହେଉଛି । ଆଜି ସଂଧ୍ୟା ୫ଟାରେ ଝାଡ଼ଦୀପ ପ୍ରଜ୍ୱଳିତ ହେବାର କାର୍ଯ୍ୟକ୍ରମ ରହିଛି । ମେଳାରେ ଭାଗନେବାପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ସାଧୁସନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

## କର୍ମଶାଳା

ବଲାଙ୍ଗିର ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଅଡିଟୋରିୟମଠାରେ ଭୀ ବି ଜୀ ରାମ୍‌ଜୀ ଆଇନ୍ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସାଂସଦ ସଙ୍ଗୀତା ସିଂହଦେଓ ପ୍ରମୁଖ କର୍ମଶାଳାରେ ଯୋଗଦେଇ ଏହି ଆଇନ୍‌ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଛନ୍ତି ।

## ଜାତୀୟ ମଡେଲ ଯୁବ ଗ୍ରାମସଭା ସମାରୋହ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଜାତୀୟ ମଡେଲ ଯୁବ ଗ୍ରାମସଭା ସମାରୋହରେ ନବରଙ୍ଗପୁର ଜିଲ୍ଲାର ହିର୍‌ଲୀସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପଞ୍ଚାୟତରାଜ ମନ୍ତ୍ରଣାଳୟ ଓ ଜାତୀୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ପରିଚାଳିତ ଏହି କାର୍ଯ୍ୟକ୍ରମ ୨୦୪୭

ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣର ସୁଯୋଗ ପ୍ରଦାନ କରୁଛି । କେନ୍ଦ୍ରମନ୍ତ୍ରୀ ଏସ୍.ପି.ସିଂହ ବାଘେଲ କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

## ରଗ୍‌ବୀ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ଆରମ୍ଭ ହେଉଛି । ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଓଡ଼ିଶା ସମେତ ୨୪ଟି ଦଳର ୩୩୬ରୁ ଅଧିକ ଖେଳାଳି ଅଂଶଗ୍ରହଣ କରୁଛନ୍ତି । ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଅଧୀନରେ ଖେଲୋ ଇଣ୍ଡିଆରେ ମହିଳାମାନଙ୍କ ପାଇଁ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ କୁହାଯାଇଛି ।